**ସଂକ୍ଷେପରେ**

## ସ୍ଥାନୀୟ ସଂକ୍ରମଣକୁ ନେଇ ବଢୁଛି ଚିନ୍ତା

**ପାଟଣା,୧୭।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲାରେ ସ୍ଥାନୀୟ ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ବଜାର, ତୁରୁମୁଙ୍ଗା ବଜାର,କେନ୍ଦେଇ ପଶି,ଟାଙ୍ଗରାପଡା, ମଲ୍ଲୀପଶି ଆଦି ଅଞ୍ଚଳରେ ଲୋକ ମାନେ କରୋନା କଟକଣା ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ହୋଇଛି। ଲୋକଙ୍କୁ ଯେତେ ସଚେତନ କରାଗଲେ ମଧ ଲୋକେ ମାନୁ ନାହାନ୍ତି। ପାଟଣା ବ୍ଲକ ମୂଷାଖୋରୀ ସରପଞ୍ଚଙ୍କର କରୋନା ରିପୋର୍ଟ ପଜିଟିଭ୍ ଆସିବାପରେ ସେ ହୋମ୍ ଆଇସୋଲେଶନରେ ଥିବା ସୂଚନା ଦେଇଛନ୍ତି।

## ସୋଲାର ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା

**କେନ୍ଦୁଝର, ୧୭।୯(ସ୍ୱ.ପ୍ର.):** କେନ୍ଦୁଝର ଡିଏମ୍ଏଫ୍ (ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି)ରୁ ଖଣି ଦ୍ୱାରା କ୍ଷତିଗ୍ରସ୍ତ ଗ୍ରାମାଞ୍ଚଳରେ ସୋଲାରଷ୍ଟ୍ରିଟ ଲାଇଟ ଦ୍ୱାରା ଆଲୋକୀକରଣ କାର୍ଯ୍ୟ ଚାଲିଛି। ଏହା ଦ୍ୱାରା କେନ୍ଦୁଝର ଜିଲାର ଯୋଡା, ଝୁମ୍ପୁରା, ହାଟଡିହି, ସଦର, ଚମ୍ପୁଆ, ହାଟଡିହି, ଚମ୍ପୁଆ, ବାଂଶପାଳ, ହରିଚନ୍ଦନପୁର ବ୍ଲକର ୪୭୩ ଗ୍ରାମର ୫ ଲକ୍ଷ ଲୋକ ଉପକୃତ ହେବେ ବୋଲି ଡିଏମଏଫ ପକ୍ଷରୁ କୁହାଯାଇଛି। ଡିଏମଫ ଅର୍ଥରୁ ପ୍ରାୟ ୨୫ କୋଟି ଟଙ୍କା ବ୍ୟୟରେ ପ୍ରାୟ ୧୧ ହଜାର ଷ୍ଟ୍ରିଟ ଲାଇଟ ଉକ୍ତ ଅଞ୍ଚଳରେ ବସାଯାଇଛି। ଏହା ଦ୍ୱାରା ଉକ୍ତ ଅଞ୍ଚଳ ଆଲୋକମୟ ହେବା ସହ ପିଲା ମାନଙ୍କ ପାଠପଢ଼ା ସମସ୍ୟା ଦୂର ହୋଇ ପାରିବ ବୋଲି ମତ ପ୍ରକାଶ ପାଉଛି।

## ଅସହାୟଙ୍କୁ କମ୍ବଳ ବଣ୍ଟନ

**ଖଇରା,୧୭।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକରେ ଭାଜପା ତରଫରୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୦ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଯୁବ ନେତା ବେଣୁମାଧବ ପଣ୍ଡାଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଚାରାରୋପଣ କରିବା ପରେ ସ୍ଥାନୀୟ ହନୁମାନ ମନ୍ଦିରରେ ୭୦ ଦୀପଦାନ କରିଥିଲେ। ଏଥିସହ ୭୦ଜଣ ଅସହାୟ ବୁଢୀବୁଢାଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଖଇରା ୪ନମ୍ବର ଜୋନ ସଭାପତି ରାଜେଶ କୁମାର ରାଉତ, ୬ନମ୍ବର ଜୋନ ସଭାପତି ପରୀକ୍ଷିତ ମହାପାତ୍ର, ୫ନମ୍ବର ଜୋନ ସଭାପତି ମହେଶ୍ୱର ନାଥ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଧ୍ୟାପକଙ୍କ ବିୟୋଗରେ ଶୋକ

**ଧାମନଗର, ୧୭।୯(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀସ୍ଥିତ ଆଇଜିଏମ କଲେଜର ରସାୟନ ବିଜ୍ଞାନ ମୁଖ୍ୟ ତଥା ବରିଷ୍ଠ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପୃଷ୍ଟିଙ୍କର ସୋମବାର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ଘଟିଛି। ଛାତ୍ରବତ୍ସଳ ପ୍ରାଧ୍ୟାପକ ଭାବେ କାର୍ଯ୍ୟକରି ସେ ସମସ୍ତଙ୍କୁ ଆପଣାର କରିପାରୁଥିଲେ ବୋଲି କଲେଜ ଅଧକ୍ଷ ବ୍ରଜମୋହନ ନାୟକ ପ୍ରକାଶ କରିଛନ୍ତି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। କଲେଜର ସମସ୍ତ ପ୍ରାଧ୍ୟାପକ, ଅଧାପକ ଓ ଛାତ୍ରୀଛାତ୍ରମାନେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ।

# ଅନ୍ତେବାସୀଙ୍କୁ ପୋକରା ଚାଉଳ

- ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା
- ବ୍ୟବସ୍ଥା ପରିବର୍ତ୍ତନରୁ ଭୋଗିବାକୁ ପଡୁଛି ଦୁର୍ଦ୍ଦଶା

**ବାରିପଦା ଅଫିସ,୧୭।୯**



ଅନ୍ତେବାସୀଙ୍କୁ ଦିଆଯାଉଥିବା ପୋକରା ଚାଉଳ।

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ(ଏସ୍ଏସ୍ଡି) ଅଧୀନରେ ଥିବା ୩ଶହ ଛାତ୍ର ଓ ୨ଶହ ଛାତ୍ରୀ ଶଯ୍ୟା ବିଶିଷ୍ଟ ସୀମାନ୍ତ ଉଚ୍ଚ ବିଦ୍ୟାଳୟ ବଣକାଟିର ଅନ୍ତେବାସୀଙ୍କୁ ପୋକରା ଚାଉଳ ଦିଆଯାଉଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ଉନ୍ନୟନ ବିଭାଗର ନିର୍ଦ୍ଦେଶକଙ୍କ ପତ୍ରାଙ୍କ ନଂ. ୧୧୧୬୮ କ୍ରମେ ସ୍କୁଲରେ ବଳକା ଥିବା ଚାଉଳକୁ ଅନ୍ତେବାସୀଙ୍କ ମଧ୍ୟରେ ବଣ୍ଟନ କରିବା ସହିତ ନଷ୍ଟ ହୋଇଥିବା ଚାଉଳ ବଣ୍ଟନ ହେବ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶକୁ ଅବମାନନା କରି ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଓ ସୁପରିଣ୍ଟେଣ୍ଡେଣ୍ଟ ମିଳିତ ଭାବେ ପୋକ ଲାଗିଥିବା ଚାଉଳକୁ ବଣ୍ଟନ କରୁଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

କରୋନା ପାଇଁ ଦୀର୍ଘ ୬ମାସ ହେଲା ସ୍କୁଲଗୁଡ଼ିକ ବନ୍ଦ ରହିଛି। ସ୍କୁଲକୁ ଆସୁଥିବା ଚାଉଳ ନଷ୍ଟ ହେବା ପୂର୍ବରୁ ଅନ୍ତେବାସୀମାନଙ୍କୁ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କ ଏସ୍ଏସ୍ଡି ନିର୍ଦ୍ଦେଶକଙ୍କ ପକ୍ଷରୁ ଜିଲା ମଙ୍ଗଳ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ନେଇ ମଙ୍ଗଳ ଅଧିକାରୀଙ୍କ ଚିଠି ନଂ. ୨୯୦୮/୨।୯।୨୦ରେ ବଳକା ଥିବା ଚାଉଳକୁ ଅନ୍ତେବାସୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ନଷ୍ଟ ହୋଇଯାଇଥିବା ଚାଉଳକୁ ବଣ୍ଟାଯିବ ନାହିଁ ବୋଲି ସମସ୍ତ ସୁପରିଣ୍ଟେଣ୍ଡେଣ୍ଟ ଓ ପ୍ରଧାନ ଶିକ୍ଷକମାନଙ୍କୁ କଡ଼ା ନିର୍ଦ୍ଦେଶ ରହିଛି। ତେବେ ସୀମାନ୍ତ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରେ ଥିବା ଅନ୍ତେବାସୀଙ୍କୁ ଏହି ଚାଉଳକୁ ପ୍ରଦାନ କରାଯାଉଛି। ଚାଉଳ ନେବାକୁ ଆସିଥିବା ଅଭିଭାବକ ରତନା ହାଁସଦା, ରଘୁନାଥ ହେମ୍ବ୍ରମ କୁହନ୍ତି, ୫୦କି.ମି ଦୂର କଇଁଚିଶୋଳ ଗ୍ରାମରୁ ଏକ ଅଟୋକୁ ହଜାରେ ଟଙ୍କାରେ ଭଡ଼ା କରି ଆସିଛୁ। ଚାଉଳରେ ପୋକ ଥିବା ବେଳେ ନିରୁପାୟ ହୋଇ ଏହାକୁ ନେବାକୁ ବାଧ ହେଉଛୁ। ସେହିପରି ଛାତ୍ର ମଦନ ହାଁସଦା, ଲାଲ ମୋହନ ମୁର୍ମୁ, ସନାତନ ହାଁସଦା କୁହନ୍ତି ପୂର୍ବରୁ ଟୋକନ ମାଧ୍ୟମରେ ଚାଉଳ ପ୍ରଦାନ କରାଯାଇଥିଲା। ଆମେ ଟୋକନ ଦେଖାଇ ଗାଁରୁ ଚାଉଳ ପାଇଥିଲୁ। ମାତ୍ର ସରକାରଙ୍କ ଏଭଳି ବ୍ୟବସ୍ଥା ଯୋଗୁ ବହୁ ଦୂରରୁ ଆସି ଚାଉଳ ନେବାକୁ ପଡୁଛି ବୋଲି କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଅନାଦି ଚରଣ ବେହେରା କୁହନ୍ତି, ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବଳକା ଥିବା ଚାଉଳକୁ ପ୍ରଦାନ କରାଯାଉଛି। ଦୂରଦୂରାନ୍ତରୁ ଆସୁଥିବା ଅନ୍ତେବାସୀମାନଙ୍କୁ ସେହି ପୋକ ଲାଗିଥିବା ଚାଉଳ ବଣ୍ଟନ କରାଯାଉଛି।

ଉଲ୍ଲେଖଯୋଗ୍ୟ ଯେ, ଏହି ପୋକରା ଚାଉଳ ନେବା ପାଇଁ ବିଶୋଇ ଥାନା ଅନ୍ତର୍ଗତ ଦୁପଟା ଗ୍ରାମର ୪ ଅନ୍ତେବାସୀଙ୍କ ସହିତ ଅଭିଭାବକମାନେ ଅଟୋ ଯୋଗେ ଆସୁଥିବା ବେଳେ ବୁଧବାର ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଅନ୍ତେବାସୀଙ୍କ ସମେତ ୩ଜଣଙ୍କର ମୃତ୍ୟୁ ଘଟିଥିଲା ଓ ୯ ଜଣ ଗୁରୁତର ଆହତ ହୋଇଥିଲେ। ପୋକରା ଚାଉଳ ପାଇଁ ପରିବାର ଲୋକେ ପୁଅକୁ ହରାଇଛନ୍ତି ବୋଲି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ତେବେ କରୋନା କଟକଣା ସମୟରେ ସ୍କୁଲ ବନ୍ଦ ହେବା ପୂର୍ବରୁ ଏହି ବ୍ୟବସ୍ଥା କରାଯାଇଥିଲେ ଚାଉଳ ନଷ୍ଟ ହେବା ଓ ଦୁର୍ଦ୍ଦଶା ଭୋଗିବାକୁ ପଡ଼ି ନ ଥାନ୍ତା ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି।

## ନିର୍ଭୀକତାର ମନ୍ତ୍ର ଦେଉଥିଲେ ଗୋକୁଳଚନ୍ଦ୍ର



ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧାପନା ମଣ୍ଡଳୀ ଓ କର୍ମଚାରୀମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

**ଖଇରା, ୧୭।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ପୂର୍ବତନ ଅଧକ୍ଷ ତଥା ବିଶିଷ୍ଟ ଜନନାୟକ ସ୍ୱର୍ଗତ ଗୋକୁଳ ଚନ୍ଦ୍ର ପଣ୍ଡାଙ୍କର ୧୯ତମ ଶ୍ରାଦ୍ଧବାର୍ଷିକୀ ଗୁରୁବାର ଅଲିପୁରସ୍ଥିତ ଶ୍ୟାମରାଇ ସଂସ୍କୃତ ମହାବିଦ୍ୟାଳୟରେ ସମ୍ମହରେ ପାଳିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ବୁଦ୍ଧିରାମ ପାଣିଗ୍ରାହୀ ଏଥିରେ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଦ୍ୟାଳୟ ପରିସରରେ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ଶ୍ରୀଧର ପଣ୍ଡା, ଅଧ୍ୟାପିକା ଲତାଞ୍ଜଳି ଦାସ, ମମତାମୟୀ ପଣ୍ଡା, ନିରଞ୍ଜନ ନାୟକ, ପ୍ରଶାନ୍ତ ତ୍ରିପାଠୀ, ଉମାକାନ୍ତ ନାୟକ, ଦୁଷ୍ମନ୍ତ ଲେଙ୍କା, ଅଲିପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା ବେହେରା, ସୀତା ମାରାଣ୍ଡି, ସୁଦର୍ଶନ ସ୍ୱାଇଁ, ନିରଞ୍ଜନ ସାମଲ ପ୍ରମୁଖ ବକ୍ତାଭାବେ ଯୋଗ ଦେଇଥିଲେ। ସ୍ୱର୍ଗତ ପଣ୍ଡା ରାଜନୈତିକ ଜୀବନକାଳ ମଧ୍ୟରେ ସମସ୍ତଙ୍କୁ ସାହାସୀ ଓ ନିର୍ଭୀକ ହେବାକୁ ଉପଦେଶ ଦେଉଥିବା ବକ୍ତାମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଗୀତା ଓ ଭାଗବତ ପାଠ କରାଯାଇଥିଲା। ମଣିଭଦ୍ର ମହାନ୍ତି ଓ ନିଳାମ୍ବର ବେହେରା ସଭା ପରିଚାଳନାରେ ସହଯୋଗ କରିଥିଲେ।

भारतीय प्रतिभूति और विनिमय बोर्ड
Securities and Exchange Board of India
ସେବି ଭବନ II, ପ୍ଲଟ୍ ସଂ. ସି-7, 'ଜି' ବ୍ଲକ୍, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ), ମୁମ୍ବଇ-400051
NISM National Institute of Securities Markets
An Educational Initiative by SEBI

ସିକ୍ୟୁରିଟି ବଜାରର ପ୍ରଶିକ୍ଷକଙ୍କ (SMARTs) ସୂଚୀ ପ୍ରସ୍ତୁତି

ଭାରତୀୟ ସିକ୍ୟୁରିଟି ଏବଂ ବିନିମୟ ବୋର୍ଡ଼ (ସେବି) ନିବେଶକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ସିକ୍ୟୁରିଟିଜ୍ ମାର୍କେଟ୍‌ର ପ୍ରଶିକ୍ଷକ (SMARTs)ଙ୍କ ସୂଚୀ ପ୍ରସ୍ତୁତ କରିବା ହେତୁ ଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ଆବେଦନ ଆମନ୍ତ୍ରଣ କରୁଛନ୍ତି।

ଚୟନ ସମ୍ବନ୍ଧିତ ମାନଦଣ୍ଡ ବିଶେଷ, ଆବେଦନ ଫର୍ମ, ଇତ୍ୟାଦି ବିବରଣୀ ଆମର ୱେବସାଇଟ୍ https://www.sebi.gov.in ଏବଂ https://investor.sebi.gov.in ରେ ଏବଂ ରାଷ୍ଟ୍ରୀୟ ସିକ୍ୟୁରିଟିଜ୍ ବଜାର ସଂସ୍ଥାନ (ଏନ୍ଆଇଏସ୍ଏମ୍) ୱେବସାଇଟ୍ https://www.nism.ac.in ରେ ଦିଆଯାଇଛି।

ଆବେଦନ ପ୍ରସ୍ତୁତ କରିବାର ଅନ୍ତିମ ତାରିଖ 16 ଅକ୍ଟୋବର 2020।

ନିବେଶକ ସଚେତନତା ବିଭାଗ, ଓ.ଆଇ.ଏ.ଇ

# ପୋଷଣ ବଗିଚା ସୃଷ୍ଟି ଉପରେ ଗୁରୁତ୍ୱ




ଜଣେ ଅଙ୍ଗନୱାଡ଼ି କର୍ମୀଙ୍କୁ କିଟ୍ ପ୍ରଦାନ କରାଯାଉଛି।

**ଭଦ୍ରକ ଅଫିସ, ୧୭।୯**

ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରଠାରେ ସରକାରଙ୍କ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାରେ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଅରବିନ୍ଦ ଦାସ ଏହି ପୋଷଣ ମାସ ପାଳନର ଆଭିମୁଖ୍ୟକୁ ଦର୍ଶାଇବାକୁ ଯାଇ କହିଥିଲେ ଯେ ବର୍ତ୍ତମାନ ଭାରତବର୍ଷର ଅନ୍ୟୁନ ୩୫ ପ୍ରତିଶତ ଶିଶୁ ଅପପୁଷ୍ଟି ମଧ୍ୟରେ ରହିଛନ୍ତି। ସେଥିପାଇଁ ଗର୍ଭବତୀ ଓ ସ୍ତନ୍ୟଦାତ୍ରୀ ମା' ମାନଙ୍କର ଉଚିତ ପୁଷ୍ଟି ସାଧନର ଆବଶ୍ୟକତା ରହିଛି। ଏଥିପାଇଁ ସଭାରେ ଉପସ୍ଥିତ ଥିବା ୪୦ରୁ ଊର୍ଦ୍ଧ୍ୱ ଜିଲାର ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଏହି ମହିଳା ଓ ଶିଶୁଙ୍କର ପୁଷ୍ଟି ସାଧନ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଗୋଟିଏ ପୋଷଣ ବଗିଚା ସୃଷ୍ଟି କରିବା ପାଇଁ ଅନୁରୋଧ କରିଥିଲେ। ଏଥିପାଇଁ ବିଭିନ୍ନ ପ୍ରକାରର ଋତୁକାଳୀନ ପନିପରିବା ଓ ଶାଗମଞ୍ଜିର କିଟ୍‌କୁ ଅତିଥିଙ୍କ ଦ୍ୱାରା ଉପସ୍ଥିତ କର୍ମୀଙ୍କୁ ବଣ୍ଟନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଭଦ୍ରକ ଜିଲା ଇଫ୍‌କୋ କ୍ଷେତ୍ର ଅଧିକାରୀ ସୁଦର୍ଶନ ପଣ୍ଡା, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରଭାତ କୁମାର ବଳ ଉପସ୍ଥିତ ରହି ଶିଶୁ ଓ ମହିଳାଙ୍କର ସାମଗ୍ରିକ ପୁଷ୍ଟିସାଧନ ପାଇଁ ଉପଯୁକ୍ତ ପୋଷଣର ଆବଶ୍ୟକତା ଉପରେ କହିଥିଲେ। ଭଦ୍ରକ ସିଡିପିଓ ଅନ୍ନପୂର୍ଣ୍ଣା ସିଙ୍ଗ୍, କୃଷି ବିଜ୍ଞାନ କେନ୍ଦ୍ରର କୃଷି ସମ୍ପ୍ରସାରଣ ବିଭାଗର ବୈଜ୍ଞାନିକ ରୋଜାଲିନ୍ ମହାନ୍ତି, କେନ୍ଦ୍ରର ଉଦ୍ୟାନ ବିଭାଗ ବୈଜ୍ଞାନିକ ଡ. ବିଶ୍ୱନାଥ ସାହୁ ଉପସ୍ଥିତ ଥିଲେ। ଶେଷରେ କେନ୍ଦ୍ରର ବୈଜ୍ଞାନିକ ରୋଜାଲିନ୍ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଘରେ ପଶି ଟଙ୍କା,ସୁନା ଲୁଟ୍

**ଉଦଳା ପୋଲିସ୍‌କୁ ଖୋଲା ଚ୍ୟାଲେଞ୍ଜ**

**ଉଦଳା,୧୭।୯(ଡି.ଏନ୍.ଏ.)**

ପାଠ ବୁଝିବେ, ସାରଙ୍କ ପାଖରେ କାମ ଥିବା କହି ଘରେ ପଶି ଡକାୟତମାନେ ବନ୍ଧୁକ ଦେଖାଇ ଟଙ୍କା, ସୁନା ଲୁଟି ନେଇଛନ୍ତି। ସନ୍ଧ୍ୟା ସମୟରେ ମୟୂରଭଞ୍ଜ ଜିଲା ଉଦଳାର ଜନଗହଳିପୂର୍ଣ୍ଣ ସ୍ଥାନରେ ଘଟିଥିବା ଏହି ଲୁଟ୍ ଘଟଣା ସ୍ଥାନୀୟ ପୋଲିସ୍ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ପୋଲିସ୍‌କୁ ଖୋଲା ଚ୍ୟାଲେଞ୍ଜ ଦେଇ ଲୁଟେରାମାନେ ଲୁଟ୍ କରିଥିବା ବେଳେ ଏନେଇ କିଛି ସୁରାକ ମିଳି ପାରିନାହିଁ।

ସୂଚନା ଅନୁଯାୟୀ, ଉଦଳା ଥାନା ଅଧୀନ ଏନଏସିର ୧୨ ନଂ. ୱାର୍ଡରେ ପରିବାର ସହ ଅଧାପକ ସପନ କୁମାର ମହାନ୍ତି ରୁହନ୍ତି। ବୁଧବାର ସନ୍ଧ୍ୟାରେ ସେ ଘରେ ନ ଥିବା ବେଳେ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଏବଂ ପୁଅ ଘରେ ଥିଲେ। ଏହି ସମୟରେ ୫ ଜଣ ଦୁର୍ବୃତ୍ତ ଆସି କଲିଂ ବେଲ୍ ବଜାଇଥିଲେ। ଗୀତାଞ୍ଜଳି କବାଟ ଖୋଲିବାରୁ ଦୁର୍ବୃତ୍ତମାନେ ସାର୍‌ଙ୍କ ପାଖରୁ ପାଠ ବୁଝିବାକୁ ଆସିଥିବା କହିଥିଲେ। ସାର୍ ଘରେ ନ ଥିବା ଗୀତାଞ୍ଜଳି କହିଥିଲେ ମଧ ଦୁର୍ବୃତ୍ତମାନେ ଜବରଦସ୍ତ ଘର ଭିତରକୁ ପଶିଥିଲେ। ସେମାନେ ଗୀତାଞ୍ଜଳିଙ୍କ ଗୋଡ଼ହାତ ବାନ୍ଧି ଦେବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ଘରେ ଥିବା ଟଙ୍କା ଏବଂ ସୁନା ଅଳଙ୍କାର ଆଣିବାକୁ କହିଥିଲେ। ଗୀତାଞ୍ଜଳି ବିରୋଧ କରିବାରୁ ତାଙ୍କୁ ମାଡ଼ ମାରିବା ସହିତ ଗୁଳି କରିଦେବାର ଧମକ ଦେଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ଘର ଭିତରକୁ ପଶିଯାଇ ପାଠ ପଢୁଥିବା ତାଙ୍କ ପୁଅକୁ ମଧ ବାନ୍ଧି ଦେବା ସହ ଗଡରେଜରୁ ୮ ହଜାରରୁ ଅଧିକ ଟଙ୍କା ସମେତ ଏକ ମୋବାଇଲ ଏବଂ ଗୀତାଞ୍ଜଳି ପିନ୍ଧିଥିବା ସୁନାହାର ଲୁଟି ନେଇଥିଲେ। ଏନେଇ ଉଦଳା ଥାନାରେ ଅଭିଯୋଗ ପରେ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟ ବୁଲି ଦେଖିଲେ ଅଧିକାରୀ



ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟ ତଦାରଖ କରୁଛନ୍ତି।

**ବନ୍ତ, ୧୭।୯(ଡି.ଏନ୍.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧିନ କାଦବରାଙ୍ଗ ଓ ବଡବର୍ଦ୍ଧିକୟା ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟକୁ ଅଧିକାରୀମାନେ ବୁଲି ଦେଖିଛନ୍ତି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାଶ, ବିଡିଓ ରେବେକା ବିଲୁଙ୍ଗ ପୃଥକ ଭାବେ ଦୁଇ ପଞ୍ଚାୟତର ନିର୍ମାଣାଧୀନ କାର୍ଯ୍ୟକୁ ତଦାରଖ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ପ୍ରୋତ୍ସାହନ ରାଶି ପାଇବାର ସୁଯୋଗ ନେବାକୁ ଅଧିକାରୀମାନେ ହିତାଧିକାରୀମାନଙ୍କୁ ବୁଝାଇଥିଲେ। ପରିଦର୍ଶନ ବେଳେ କାଦବରାଙ୍ଗ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀନିଶାକର ଝୁଣ୍ଟିଆ, ବଡବର୍ଦ୍ଧିକୟାଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଗୀତାରାଣୀ ପାଣିଗ୍ରାହୀ, ସରପଞ୍ଚ ବିଷ୍ଣୁମୋହନ ଜେନା ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ଟିହିଡ଼ି,୧୭।୯(ସ୍ୱ.ପ୍ର.)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏବଂ ଅଖିଳ ଭାରତ କୃଷକ ସଭାର ଟିହିଡ଼ି ଶାଖା ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ଏବିଡିଓଙ୍କ ଜରିଆରେ ବୁଧବାର ଜିଲାପାଳଙ୍କୁ ୧୦ ଦଫାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଦାବି ଗୁଡିକ ହେଲା କରୋନା ମହାମାରୀ ଓ ବନ୍ୟାରେ ବେରୋଜଗାର ହୋଇଥିବା ବିପନ୍ନଙ୍କ ସମସ୍ତ ଋଣ ଛାଡ଼, ବେକାର ଯୁବକ ଓ ପ୍ରବାସୀଙ୍କୁ କର୍ମନିଯୁକ୍ତି, ପିଲାମାନଙ୍କୁ ଅନଲାଇନ୍‌ରେ ପାଠ ପଢାପାଇଁ ମୋବାଇଲ ମାଗଣାରେ ଯୋଗାଇବା, ରବିଚାଷ ପାଇଁ ସାର, ବିହନ, ପାଣିପମ୍ପ ଓ ପୋକମରା ଔଷଧ ବିନା ମୂଲ୍ୟରେ ପ୍ରଦାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣଛାଡ଼, ଚାଷୀ, ବେକାର ଯୁବତୀ ଯୁବକ ଓ ଛୋଟ ବ୍ୟବସାୟୀଙ୍କୁ ମାସିକ ଦଶହଜାର ଟଙ୍କା ପ୍ରଦାନ କରାଯାଉ, ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ, ବନ୍ୟାଞ୍ଚଳ ଲୋକମାନଙ୍କୁ ଅଧିକ ଆର୍ଥିକ ସହାୟତା ପ୍ରଦାନ। ଏଥିରେ ସିପିଆଇ ଜିଲା ସହସମ୍ପାଦକ ବିମ୍ବାଧର ବାରିକ, ଅଖିଳ ଭାରତ କୃଷକସଭାର ଟିହିଡ଼ି ସମ୍ପାଦକ କଳ୍ପତରୁ ସେଠୀ, କମ୍ରେଡ ସନ୍ତଚରଣ ବିଶ୍ୱାଳ, ଦାମୋଦର ସେନାପତି, ରବିନ୍ଦ୍ର ବାରିକ, ଗୟାଧର ଦାସ, ଶ୍ୟାମସୁନ୍ଦର ନାୟକ, ଶଙ୍କର୍ଷଣ ସେଠୀଙ୍କ ସମେତ ବହୁ ଲୋକ ଯୋଗ ଦେଇଥିଲେ।

# ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ସଂକଳ୍ପ

**ବାଲେଶ୍ୱର ଅଫିସ,୧୭।୯**




ସଦର ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ ପାଳନ କରାଯାଉଛି।

ବାଲେଶ୍ୱର ଜିଲା ସଦର ଭାଜପା ପକ୍ଷରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ୭୦ତମ ଜନ୍ମ ଦିବସ ଗୁରୁବାର ପାଳନ କରାଯାଇଛି। ଏହି ଅବସରରେ ଜିଲା ଭାଜପାର ସମସ୍ତ ନେତୃବୃନ୍ଦ କାଳୀ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଧାନମନ୍ତ୍ରୀଙ୍କ ନିରୋଗ ଜୀବନ କାମନା କରିଥିଲେ। ଏଥିସହ ଜେଲ ପରିସରକୁ ଯାଇ ସ୍ୱଚ୍ଛ ଏବଂ ଦୋକାନୀମାନଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ସଂକଳ୍ପ କରାଇଥିଲେ।

ଏହି ପରିପ୍ରେକ୍ଷୀରେ ସଦର କାର୍ଯ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ ହିଁ ଗରିବ ଲୋକ ଅଧିକ ଲାଭାନ୍ୱିତ ହୋଇଛନ୍ତି ବୋଲି ଭାଜପାର ପଦାଧିକାରୀମାନେ ମତ ରଖିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କର ଦେଶ ପ୍ରତି ସମର୍ପିତ ଭାବ ଓ କାର୍ଯ୍ୟକୁ ଦୃଷ୍ଟିରେ ରଖି ତାଙ୍କର ଜନ୍ମ ସପ୍ତାହକୁ ଭାଜପା ପକ୍ଷରୁ 'ସେବା ସପ୍ତାହ' ଭାବେ ପାଳନ କରାଯାଉଛି। ଏଥିରେ ଦିବଙ୍ଗତ ବିଧାୟକ ମଦନମୋହନ ଦତ୍ତଙ୍କ ପୁତ୍ର ତଥା ଯୁବନେତା ମାନସ ଦତ୍ତଙ୍କ ସମେତ ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ସୀତାକାନ୍ତ ସ୍ୱାଇଁ, ପର୍ଶୁରାମ ବେହେରା, ଶୁଭଙ୍କର ମହାପାତ୍ର, ସତ୍ୟଜିତ ମିଶ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ପ୍ରବୀର ଶଙ୍କର ଦାଶ, ଶିବ ସାହୁ, ପିଙ୍କି ପ୍ରଧାନ, ସୁସ୍ମିତା ପଣ୍ଡା, ଶ୍ରୀୟା ଦାସ, ସସ୍ମିତା ଦାଶ, ମନ୍ମୟ ଦାସ, ବସନ୍ତ ନାୟକ, ଭାଗ୍ୟରଞ୍ଜନ ନାୟକ, ଜିତେନ୍ଦ୍ର ଷଡ଼ଙ୍ଗୀ, ବିକାଶ ପତି, ବିଶ୍ୱରଞ୍ଜନ ଜେନା, ଅନିତା ଦାସ, ମାଧବେନ୍ଦ୍ର ସାହୁ, ରାକେଶ ପାଢ଼ୀ, ପ୍ରତାପ ପ୍ରଧାନ, ସଚିନ ପାଞ୍ଜା ଭାଜପାର ସଦସ୍ୟାସଦସ୍ୟ ଏବଂ ସାଧାରଣ ଲୋକ ଉପସ୍ଥିତ ଥିଲେ।

# ୩ ଅକ୍ସିଜେନ ଥେରାପି ସେଣ୍ଟର ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ, ୧୭।୯**



ଅକ୍ସିଜେନ ଥେରାପି ସେଣ୍ଟର ଉଦ୍‌ଘାଟନ କରାଯାଉଛି।

ବାଲେଶ୍ୱର ପୌରାଞ୍ଚଳରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା ୩ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ଅର୍ବାନ ପିଏଚ୍‌ସି)ରେ ଗୁରୁବାର ୩ଟି ଅକ୍ସିଜେନ ଥେରାପି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ଏହି କେନ୍ଦ୍ର ଉଦ୍‌ଘାଟନ ହୋଇଥିଲା।

ଶୋଭାରାମପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅକ୍ସିଜେନ ଥେରାପି ସେଣ୍ଟରକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳ ସେନ ଜଗଦେବ ଉଦ୍‌ଘାଟନ କରିଥିଲେ। ସହଦେବଖୁଣ୍ଟା ପିଏଚ୍‌ସିର ଅକ୍ସିଜେନ ଥେରାପି ସେଣ୍ଟରକୁ ଡା. ଲମ୍ବୋଦର ବଳ ଏବଂ ସୁନହଟ ପିଏଚ୍‌ସିର ଅକ୍ସିଜେନ ଥେରାପି ସେଣ୍ଟରକୁ ଡା. ମମତା ସାହୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ଅକ୍ସିଜେନ ଥେରାପି ସେଣ୍ଟରରେ ୪ଟି ଲେଖାଏଁ ଶଯ୍ୟା ରହିଛି। ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ଭୋଗ କରୁଥିବା ଉଭୟ କୋଭିଡ଼ ଓ ଅଣକୋଭିଡ଼ ରୋଗୀଙ୍କୁ ଏଠାରେ ସଙ୍ଗେ ସଙ୍ଗେ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରାଯିବ। ସେଥିପାଇଁ ଏଠାରେ ଅକ୍ସିଜେନ ସିଲିଣ୍ଡର ମହଜୁଦ ରହିବା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଉପଲବ୍ଧ ହେବ। ଏଠାରେ ଦିନ ରାତି ୨୪ ଘଣ୍ଟା ସେବା ଯୋଗାଇ ଦିଆଯିବ। ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ୨୦ତାରିଖରୁ ପ୍ରତ୍ୟେକ ପିଏଚ୍‌ସିକୁ ୩ଜଣ ଲେଖାଏଁ ଏଏନ୍ଏମ୍ ଦିଆଯିବ। ଅକ୍ସିଜେନ ଥେରାପି ଦ୍ୱାରା ରୋଗୀଙ୍କ ସ୍ଥିତି ଯଦି ସାମାନ୍ୟ ହୋଇଯାଏ ତା' ହେଲେ ତାଙ୍କୁ ଛାଡ଼ି ଦିଆଯିବ। ଅନ୍ୟଥା ସେମାନଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯିବ। ଏହି ୩ ଅକ୍ସିଜେନ ଥେରାପି ସେଣ୍ଟର ଦାୟିତ୍ୱରେ ଥିବା ଡାକ୍ତର ଏବଂ ସେମାନଙ୍କ ମୋବାଇଲ ନମ୍ବର ହେଲା ଶୋଭାରାମପୁର ପିଏଚ୍‌ସି ଡା. ରଘୁନାଥ ନାୟକ (ମୋ. ୮୯୧୭୬୪୨୩୮୦), ସହଦେବ ଖୁଣ୍ଟା ପିଏଚ୍‌ସି ଡା. ଲମ୍ବୋଦର ବଳ (ମୋ. ୮୨୪୯୮୩୦୭୭୪) ଓ ସୁନହଟ ପିଏଚ୍‌ସି ଡା. ମମତା ସାହୁ (ମୋ. ୯୯୩୮୦୦୯୫୬୨)। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅରୂପ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅକ୍ସିଜେନ ଥେରାପି ସେଣ୍ଟର କାର୍ଯ୍ୟକ୍ଷମ ହେବା ଦ୍ୱାରା ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଲାଭ କରୁଥିବା ଗୁରୁତର ରୋଗୀଙ୍କ ତୁରନ୍ତ ଚିକିତ୍ସା ହୋଇପାରିବ ବୋଲି ଜିଲାପାଳ ଆଶାପ୍ରକଟ କରିଛନ୍ତି।

## ସଂକ୍ଷେପରେ

### ବିଶ୍ୱ ଓଜୋନ ଦିବସ

ବାରିପଦା ଅଫିସ,୧୭।୯: ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଆମ୍ବଗଡ଼ିଆ ପଞ୍ଚାୟତ ମନ୍ତ୍ରୀଡ଼ାହି ଗ୍ରାମରେ ବିଶ୍ୱ ଓଜୋନ ଦିବସ ଜିଲା ପର୍ଯ୍ୟାବରଣ ସୁରକ୍ଷା ଅଭିଯାନ ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି । ପରିବେଶ ପ୍ରେମୀ ଦୁର୍ଯୋଧନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସି ଗନ୍ଧମାର୍ଦ୍ଦନ ଦେହୁରୀ ସଭାପତିତ୍ୱ କରିଥିଲେ। ସବୁଜ ବାହିନୀର ଜିଲା ସଂଯୋଜକ ଡ.ରମାକାନ୍ତ ମହାନ୍ତ ଯୋଗଦେଇ ଓଜୋନ ସ୍ତରର କ୍ଷୟ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଓ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବନ ସନ୍ଦେଶର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଉପସ୍ଥିତ ରହି ଓଜୋନ ସ୍ତରର ସୁରକ୍ଷା ନିମନ୍ତେ ପ୍ରତି ସ୍କୁଲର ଶିକ୍ଷକ, ଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ପ୍ରାଙ୍ଗଣରେ ଗଛ ଲଗାଇବା ନିତ୍ୟାନ୍ତ ଜରୁରୀ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୁରୁଚରଣ ମହାନ୍ତ, ବୈରାଗୀ ମହାନ୍ତ, ନନ୍ଦକିଶୋର ମହାନ୍ତ, ସୁରେଶ ଚନ୍ଦ୍ର ମହାନ୍ତ, ନବ ସିଂ, ଜଗନ୍ନାଥ ମହାନ୍ତ, ରାଧାକୃଷ୍ଣ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । ବନବାସୀ କଲ୍ୟାଣ ଆଶ୍ରମର ନବ କିଶୋର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

### ଟ୍ରକ୍ ଧକ୍କାରେ ୨ ଗୁରୁତର

କେନ୍ଦୁଝର,୧୭।୯(ସ୍ୱ.ପ୍ର.): ଟ୍ରକ ଧକ୍କାରେ ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସଦର ଥାନା ମହାଦେଇଯୋଡ଼ା ପଞ୍ଚାୟତ ଡାଲିମାପୁର ଗ୍ରାମର ମାଘୁ ବେହେରା, ନେତ୍ରା ବେହେରା। ଗୁରୁବାର ଦୁଇଜଣ ବାଇକ୍‌ରେ ମହାଦେଇଯୋଡ଼ା ଅଭିମୁଖେ ଯାଇଥିଲେ। ଏକ ଟ୍ରକ ବାଇକ୍‌କୁ ଧକ୍କାଦେଇ ସେଠାରୁ ଚାଲିଯାଇଥିଲା। ଦୁଇଜଣ ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅବସ୍ଥାରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତେବେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି।

### ଭାଜପା ପକ୍ଷରୁ ରକ୍ତଦାନ ଶିବିର

ସୋର, ୧୭।୯(ଡି.ଏନ୍.ଏ.): ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଁଣ ପଞ୍ଚାୟତ ଅନ୍ତର୍ଗତ ବାଗୁଡିସ୍ଥିତ ବିଶ୍ୱନାଥ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଦିନ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କରୋନା ସଂକ୍ରମଣ ପ୍ରତିରୋଧ ପାଇଁ ସାମାଜିକ ଦୂରତା ରକ୍ଷା କରାଯାଇ ଶିବିରରୁ ୪୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଡାକ୍ତର ବିଶ୍ୱାଳ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଏଲ୍‌ଟି ବିଜୟ କୁମାର ପଟ୍ଟନାୟକ, ଜ୍ୟୋତିଷ ପ୍ରଧାନ ଓ ବିନୋଦ ବିହାରୀ ଦାସ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଭାଜପାର ବରିଷ୍ଠ ନେତା ଅଭିମନ୍ୟୁ ସେଠୀ, ରାକେଶ କୁମାର ମଲ୍ଲିକ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁମାର ନାୟକ ଓ ବାଲେଶ୍ୱର ରକ୍ତ ଭଣ୍ଡାର ଅଧିକାରୀ ଡ. ମହେଶ କୁମାର ବିଶ୍ୱାଳ ପ୍ରମୁଖ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମିଳିତ ଭାବେ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ।

# ଅଦରକାରୀ ଜରିରୁ ଜୀବିକା

ନରେଶ ପଟ୍ଟନାୟକ
କେନ୍ଦୁଝର, ୧୭।୯



ଅଦରକାରୀ ସିମେଣ୍ଟ ବସ୍ତାରୁ ମହିଳାମାନେ ଘରୋଇ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

ନିର୍ମାଣ କାର୍ଯ୍ୟରେ ଲାଗୁଥିବା ସିମେଣ୍ଟ ବସ୍ତାଗୁଡ଼ିକ ପରବର୍ତ୍ତୀ ସମୟରେ ଅଦରକାରୀ ହୋଇପଡ଼େ। ତେଣୁ ଏହାକୁ ଏଣେ ତେଣେ ଫୋପାଡ଼ି ଦିଆଯାଏ। ଏହି ଜରି ବସ୍ତା ପରିବେଶ ପାଇଁ ହାନିକାରକ ହୋଇଥାଏ। କିନ୍ତୁ ତେଲକୋଇ ବ୍ଲକର ଛାମୁଣ୍ଡା ଗ୍ରାମର ମହିଳାମାନେ ଏହି ସିମେଣ୍ଟ ଜରି ବସ୍ତାରୁ ବିଭିନ୍ନ ପ୍ରକାରର ନିତ୍ୟ ବ୍ୟବହାର୍ଯ୍ୟ ଓ ଘରେ ବ୍ୟବହୃତ ସାମଗ୍ରୀ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ତାଲିମ ମିଳିଲେ ସେମାନେ ଅଧିକ ରୋଜଗାରକ୍ଷମ ହୋଇପାରିବେ ବୋଲି ପ୍ରକାଶ କରିଛନ୍ତି। କୌଣସି ଜିନିଷ ଅଦରକାରୀ ନୁହେଁ ବୋଲି ଏହି ମହିଳାମାନେ ପ୍ରମାଣ କରି ଦେଖାଇ ପାରିଛନ୍ତି।

ଆଜିକାଲି ଝୋଟ ଚାଷ କମିଗଲାଣି । ଏଣୁ ଝୋଟରେ ପ୍ରସ୍ତୁତ ଦଉଡ଼ି, ବ୍ୟାଗ, ବସ୍ତା ଆଦି ସାମଗ୍ରୀ ଆଗଭଳି ମିଳୁନାହିଁ । ଏଣୁ ଗୋରୁ ବାନ୍ଧିବା, ହଳ କରିବା ଆଦି କାମରେ ଝୋଟ ଦଉଡ଼ି ମିଳୁନାହିଁ। ଏବେ ପ୍ଲାଷ୍ଟିକର ବ୍ୟବହାର ବଢ଼ିଯାଇଛି । ଛାମୁଣ୍ଡା ଗ୍ରାମର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପରିବାର ଘର କାମ ପରେ ବଳକା ସମୟକୁ ବିନିଯୋଗ କରି ଅବ୍ୟବହୃତ ସିମେଣ୍ଟ ଜରି ବସ୍ତାରୁ ବିଭିନ୍ନ ପ୍ରକାରର ଦଉଡ଼ି ପ୍ରସ୍ତୁତ କରି ବେଶ ଦୁଇ ପଇସା ରୋଜଗାର କରିପାରୁଛନ୍ତି । ଏନେଇ ଅଧିକ ତାଲିମ ମିଳିଲେ ଏଥିରୁ ବିଭିନ୍ନ ପ୍ରକାରର ସାଜସଜା, ସୌଖୀନ ସାମଗ୍ରୀ ମଧ୍ୟ ପ୍ରସ୍ତୁତ କରି ବିଭିନ୍ନ ହାଟବଜାର ତଥା ମେଳାମହୋତ୍ସବରେ ବିକି ଅଧିକ ଲାଭବାନ ହୋଇ ପାରନ୍ତେ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି । ଗ୍ରାମର କେତେକ ମହିଳା ଜରି ବସ୍ତାକୁ ଖୋଲି ସେଥିରୁ ସୂତା ବାହାର କରି ଝୋଟ ଦଉଡ଼ି ଭଳି ବଳି ବିଭିନ୍ନ ପ୍ରକାର ସାଇଜର ଦଉଡ଼ି ପ୍ରସ୍ତୁତ କରୁଛନ୍ତି। ଯାହାକି ଲୋକଙ୍କ ଦ୍ୱାରା ଆଦୃତ ହେଉଛି। ଏହାକୁ ଦେଖି ଗ୍ରାମର ଅନେକ ମହିଳା ଯୋଡ଼ି ହେଉଛନ୍ତି ଏବଂ ବଳକା ସମୟରେ ଏହି କାମ କରୁଛନ୍ତି। ଏହାଦ୍ୱାରା ଚାଷୀମାନଙ୍କ ଆବଶ୍ୟକତା ଦଉଡ଼ି ପୂରଣ କରିବା ସହ ଘର ପାଇଁ ରୋଜଗାରକ୍ଷମ ହୋଇପାରୁଛନ୍ତି। ଏଥିରୁ ବିଭିନ୍ନ ପ୍ରକାର ଗୋରୁବାନ୍ଧିବା ଦଉଡି, ପଘା, ଭାର ବୋହିବା ପାଇଁ ସିକା, ଘରେ ବନ୍ଧାବନ୍ଧି କରିବା ପାଇଁ ଦଉଡ଼ି, ଦଉଡ଼ିଆ ଖଟ ପାଇଁ ଦଉଡ଼ି, ବ୍ୟାଗ, ତାରପୋଲିନ ଭଳି ଘୋଡାଇବା ସାମଗ୍ରୀ, ଧାନ ସାଇତି ରଖିବା ପାଇଁ ବଡ଼ ବଡ଼ ବସ୍ତା ଆଦି ସାମଗ୍ରୀ ପ୍ରସ୍ତୁତ କରିପାରୁଛନ୍ତି। ସେମାନଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ କରି ଏବଂ ସୋସାଇଟି ଗଠନ କରାଗଲେ ସେମାନେ ଅଧିକ ପରିମାଣର ଏହି ସାମଗ୍ରୀ ପ୍ରସ୍ତୁତ କରିପାରନ୍ତେ ଏବଂ ଲାଭବାନ ହୋଇପାରନ୍ତେ ବୋଲି ସ୍ଥାନୀୟ ସାମାଜିକ କର୍ମୀ ଚିନ୍ମୟ କୁମାର ସାହୁ କହିଛନ୍ତି। ଘର ଦାୟିତ୍ୱ ଓ ଛୁଆପିଲାଙ୍କ ଦେଖାରଖା ପରେ ବଳକା ସମୟକୁ ଏହି କାମରେ ବ୍ୟବହାର କରିଥାନ୍ତି ବୋଲି ମହିଳାମାନେ କହିଛନ୍ତି। ମିଳୁଥିବା ଅର୍ଥରେ ଘର ପାଇଁ ଛୋଟ ବଡ଼ ଖର୍ଚ୍ଚ ତୁଲାଇବାରେ ସାହାଯ୍ୟ ହୋଇଯାଉଛି ବୋଲି ମହିଳାମାନେ କହିଛନ୍ତି।

# ହାତୀ ଟ୍ରେଞ୍ଚ ଖୋଳା ଅଧାପନ୍ତରିଆ

ଜଳେଶ୍ୱର,୧୭।୯(ସ୍ୱ.ପ୍ର)

ପ୍ରତିବର୍ଷ ଝାଡ଼ଖଣ୍ଡୀ ଓ ପଶ୍ଚିମବଙ୍ଗର ହାତୀ ବର୍ଷତମାମ ଓଡ଼ିଶାର ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ରାଇବଣିଆ ଅଞ୍ଚଳକୁ ଆସି ବ୍ୟାପକ କ୍ଷତି ଘଟାଇ ଆସୁଛନ୍ତି। ପ୍ରାରମ୍ଭିକ ସମାଧାନ ଲାଗି ବନବିଭାଗ ପକ୍ଷରୁ ପ୍ରାୟ ୪ କି.ମି. ଅଞ୍ଚଳରେ ହାତୀ ଟ୍ରେଞ୍ଚ ଖୋଳା ଯିବାର ସିଦ୍ଧାନ୍ତ ହୋଇଥିଲେ ହେଁ ମାତ୍ର ଅଦ୍ୟାବଧି ୨.୩୦୮ କି.ମି. ଖୋଳାଯାଇଛି। ବର୍ଷତମାମ୍ ହାତୀଗୁଡ଼ିକ ରାଇବଣିଆ, ଆମ୍ବତୁମ୍ବା, ଲୁହାପଡ଼ା, କେନ୍ଦୁଖୁଣ୍ଟା ରାସଗୋବିନ୍ଦପୁର, ବନବିଭାଗ ରେଞ୍ଜ ଅଞ୍ଚଳରେ ରହୁଥିବା ବେଳେ କ୍ଷତି ଘଟାଇ ଆସୁଛନ୍ତି। ଚଳିତବର୍ଷ ବାହାଦୁର ମାରାଣ୍ଡି ନାମକ ଜଣେ ଆଦିବାସୀଙ୍କୁ ହାତୀ ଦଳି ମାରିଥିବାରୁ ୪ଲକ୍ଷ ଟଙ୍କା ତାର ଉତ୍ତରାଧିକାରୀଙ୍କୁ ଦିଆଯାଇଥିବା ବେଳେ ଧାନ କ୍ଷୟକ୍ଷତି ଓ ଘରଭଙ୍ଗା ବାବଦକୁ ଅନ୍ୟ ୪ଲକ୍ଷ ଟଙ୍କା ସହାୟତା ଯୋଗାଇ ଦିଆଯାଇଥିବା ସମ୍ପର୍କରେ ଜଳେଶ୍ୱର ରେଞ୍ଜର ସରୋଜ ମହାନ୍ତି କହିଛନ୍ତି। କିନ୍ତୁ ବାକିଥିବା ୧.୫ କି.ମି.ରୁ ଅଧିକ ଅଞ୍ଚଳରେ ହାତୀ ଟ୍ରେଞ୍ଚ ନିର୍ମାଣ ଲାଗି ସେ ଅଞ୍ଚଳର ଲୋକେ ଦାବି କରୁଛନ୍ତି। ଟ୍ରେଞ୍ଚ ଖୋଳା ସମ୍ପର୍କରେ ବନବିଭାଗର ମତାମତ ଲୋଡ଼ିବାରୁ ଆର୍ଥିକ ବ୍ୟବସ୍ଥାକୁ ଲକ୍ଷ୍ୟ କରି ଟ୍ରେଞ୍ଚ ଖୋଳାଯିବା କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି କହିଛନ୍ତି।

# ଶିକ୍ଷା ସରଞ୍ଜାମ ପ୍ରସ୍ତୁତି କରି ଶିକ୍ଷକ ସମ୍ବର୍ଦ୍ଧିତ

ଖଇରା,୧୭।୯(ଡି.ଏନ.ଏ.)

ଛାତ୍ରୀଛାତ୍ରଙ୍କ ପାଇଁ ଭିନ୍ନ ଧରଣର ଶିକ୍ଷା ସରଞ୍ଜାମ ପ୍ରସ୍ତୁତି ତଥା ବିଦ୍ୟାଳୟର ଉନ୍ନତି କରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମାହାରାସାହି ପ୍ରାଥମିକ ବିଦ୍ୟାଳୟରୁ ନିକଟରେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ରଘୁନାଥ ମହାନ୍ତିଙ୍କୁ ଶୁକ୍ରବାର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର ତାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଧର ବେହେରା ଓ ଗୋଲକ ପ୍ରସାଦ ମହାପାତ୍ର, ମୁଖ୍ୟ କିରାଣି ବିଶ୍ୱନାଥ ମହାନ୍ତି, ହିସାବ ରକ୍ଷକ ସୁଶାନ୍ତ କୁମାର ନାୟକ, ଅଶୋକ କୁମାର ମହାନ୍ତିଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ପୋଷଣ ଅଭିଯାନ କର୍ମଶାଳା



ଉପସ୍ଥିତ ମହିଳା ଚାଷୀ ଓ ଅଙ୍ଗନୱାଡି କର୍ମୀ।

ବାରିପଦା ଅଫିସ,୧୭।୯

ସୁଷମ ଖାଦ୍ୟ, ଖାଦ୍ୟ ନିରାପତ୍ତା ଓ ପାକଶାଳା ପ୍ରସ୍ତୁତି ସମ୍ପର୍କିତ ପୋଷଣ ଅଭିଯାନ କର୍ମଶାଳା ମୟୂରଭଞ୍ଜ ଜିଲା କୃଷି ବିଜ୍ଞାନ କେନ୍ଦ୍ର-୧ ପରିସରରେ ଗୁରୁବାର ପାଳିତ ହୋଇଛି। କେନ୍ଦ୍ରର କୃଷି ବୈଜ୍ଞାନିକ ଡ.ସଂଘମିତ୍ରା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ୪୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ ଓ ୨୦ ମହିଳା ଚାଷୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଶେଷଜ୍ଞା ଝୁନିଲତା ଭୂୟାଁ ଉପସ୍ଥିତ ରହି ମହିଳାମାନଙ୍କୁ ପୋଷଣ ଅଭିଯାନ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଇଫକୋର କ୍ଷେତ୍ର ଅଧିକାରୀ ଶୁଭଜିତ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପାକଶାଳା ବଗିଚା ନିମନ୍ତେ ମଞ୍ଜି ଓ ଚାରା ପ୍ରଦାନ କରିଥିଲେ। ଦେବାଶିଷ ଜୟପୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ମହାଳୟାରେ ତିଳତର୍ପଣ

ଭୋଗରାଇ, ୧୭।୯(ଡି.ଏନ.ଏ.)

ବାଲେଶ୍ୱର ଜିଲାର ଭୋଗରାଇ ଓ ଏହାର ଆଖପାଖ ଅଞ୍ଚଳରେ ଗୁରୁବାର ମହାଳୟା ଉପଲକ୍ଷେ ଅମାବାସ୍ୟା ତିଥିରେ ନଦନଦୀରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଇଛନ୍ତି। ଶ୍ରଦ୍ଧାଳୁମାନେ ତିଳତର୍ପଣ, ସ୍ନାନାଦି କାର୍ଯ୍ୟ ସମାପନ ହୋଇଛି।

### କାଣ୍ଡବିନ୍ଧା ରୋଗ ବ୍ୟାପୁଛି, ଚିନ୍ତାରେ ଚାଷୀ

କେନ୍ଦୁଝର, ୧୭।୯ (ସ୍ୱ.ପ୍ର.)

କରୋନା ମହାମାରୀ ଦାଉ ସହିତ ଅଦିନିଆ ଲଘୁଚାପ ଜନିତ ବର୍ଷା, ବିହନ ପରେ ସାରର ଅଭାବ ଭଳି ପ୍ରତିକୂଳ ପରିବେଶରେ ଚାଷୀ ଧୈର୍ଯ୍ୟର ସହ ଚାଷ କରି ପାରିଛି । ଭାବିଥିଲେ ଚଳିତ ବର୍ଷ ଭଲ ଚାଷ ହେବ ଓ ଧାନ ଅମଳ ହେବ । କିନ୍ତୁ ଅତ୍ୟଧିକ ବର୍ଷା ଯୋଗୁଁ ତେଲକୋଇ ବ୍ଲକ ଅଞ୍ଚଳରେ ଧାନ ଫସଲରେ କାଣ୍ଡବିନ୍ଧା ଓ ବ୍ୟାକ୍ଟେରିଆ ଜନିତ ରୋଗ ବ୍ୟାପୁଥିବାରୁ ଚାଷ କ୍ଷତିହେବା ଆଶଙ୍କା କରି ଚାଷୀମାନେ ଚିନ୍ତାରେ ରହିଛନ୍ତି। ଧାନଗଛର ପତ୍ର ପୋଡି ଯାଉଥିବାରୁ ଚାଷୀର ଚିନ୍ତା ବଢ଼ିଯାଇଛି । ଏହି ରୋଗ ନିରାକରଣ ପାଇଁ ସ୍ଥାନୀୟ କୃଷି ବିଭାଗ ସେଣ୍ଟରରେ କୌଣସି ଔଷଧ ମିଳୁନଥିବାରୁ ଚାଷୀ ମାନେ ଅସହାୟ ହୋଇ ପଡୁଛନ୍ତି । ତେଲକୋଇ ବ୍ଲକର ପ୍ରାୟ ସବୁ ଗ୍ରାମରେ ଶହ ଶହ ହେକ୍ଟର ଜମିରେ ଏହି ସମସ୍ୟା ଦେଖାଦେଇଛି। ଏହାର ତୁରନ୍ତ ନିରାକରଣ କରାନଗଲେ ଚାଷ ଉଜୁଡିଯିବ ବୋଲି ଚାଷୀ ମାନେ ଦୁଃଖର ସହ ମତବ୍ୟକ୍ତ କରୁଛନ୍ତି। ଏହାର ନିରାକରଣ ପାଇଁ ଔଷଧ ସିଞ୍ଚନ କରିବା ସହ ପଟାସ ସାର ପ୍ରୟୋଗ କରିବାର ଆବଶ୍ୟକତା ଅଛି ବୋଲି କ୍ଷେତ୍ର ପରିଦର୍ଶକ ଶଙ୍କର୍ଷଣ ନାୟକ ପରାମର୍ଶ ଦେଉଥିବା ଜଣାପଡିଛି। ତେବେ ଚାଷୀଙ୍କୁ ରିହାତି ମୂଲ୍ୟରେ ଏହି ସବୁ ଔଷଧ ଯୋଗାଇ ଦିଆଯାଉନାହିଁ ବୋଲି ଚାଷୀ ମାନେ ନିରୁପାୟ ହୋଇ ପଡୁଛନ୍ତି । ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି।

# ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ

ଭଣ୍ଡାରିପୋଖରୀ , ୧୭।୯ (ଡି.ଏନ.ଏ)

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ସପ୍ତାହକୁ ଭାଜପା ସେବା ସପ୍ତାହ ଭାବେ ପାଳନ କରୁଛି। ଏହି ଅବସରରେ ଭଣ୍ଡାରିପୋଖରୀ ଭାଜପା ପକ୍ଷରୁ ଗତ ୧୪ ତାରିଖରୁ ୨୦ ତାରଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଭାଜପା ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ନେତା ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ସୋମବାର ଓ ମଙ୍ଗଳବାର ବ୍ଲକର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଥିବା ବେଳେ ବୁଧବାର ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଗିରିଶ ସାମଲ, ଜିଲା ସମ୍ପାଦିକା ଜୟସ୍ମିତା ଗୋଛାୟତ, ମହିଳାମୋର୍ଚ୍ଚା ସଭାନେତ୍ରୀ ତପସ୍ୱିନୀ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ଜଗବନ୍ଧୁ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବାସ୍‌ମତି ଧାନ ଫସଲରେ ରୋଗପୋକ



ଜଳେଶ୍ୱର,୧୭।୯(ସ୍ୱ.ପ୍ର)

ବାଲେଶ୍ୱର ଜିଲାର ରାଇବଣିଆ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିଲେ ମଧ୍ୟ ପାହାଡ଼ିଆ ଘେରା ଉଚ୍ଚ ସ୍ଥାନ ହୋଇଥିବାରୁ କମ୍ ପାଣିରେ ଉତ୍ପନ୍ନ ହେଉଥିବା ଭଳି ଧାନଚାଷ ହୋଇଥାଏ। ସେ ଅଞ୍ଚଳର ସର୍ଦ୍ଦାରବନ୍ଧ, ଶ୍ୟାମନଗର, ରାଇବଣିଆ, ଖୁଆଡ଼, ବରଡ଼ିହା, ଓଲମରା, କାଳିକ ଇତ୍ୟାଦି ପଞ୍ଚାୟତରେ ବାସ୍‌ମତି ଚାଉଳର ଧାନଚାଷ ହୋଇଥାଏ। ପ୍ରତିକୂଳ ପାଗସତ୍ତ୍ୱେ ଚାଷୀମାନଙ୍କର ପ୍ରଚେଷ୍ଟାରେ ଚଳିତବର୍ଷ ଏହି ଧାନ ଭଲ ହୋଇଛି । କିନ୍ତୁ ଏବେ ବ୍ୟାପକ ପତ୍ରପୋଡ଼ା ଯୋଗୁଁ ଧାନଗଛ ହଳଦିଆ ହେବା ସହିତ କାଣ୍ଡବିନ୍ଧା, ମୂଳପଚା ଇତ୍ୟାଦି ବୃଦ୍ଧି ପାଉଛି । ଏନେଇ ମଙ୍ଗଳବାର କେନ୍ଦୁବଣି, ମହୁଡୁମା, ଧାନଘେରା, ଚନ୍ଦ୍ରପୁର, କାନପୁର ଅଞ୍ଚଳର କେତେକ ଚାଷୀଙ୍କର ଏକ ମେଳି ହୋଇଛି। ସମିତିସଦସ୍ୟ ଲକ୍ଷ୍ମଣ ପାତ୍ର, ସୁନିଲ ମହାନ୍ତ, ପ୍ରଦୀପ ଭଞ୍ଜ, ଲକ୍ଷ୍ମୀଧର ଭଞ୍ଜ, ତପନ ପାତ୍ର, ବିଜୟ ଦାସ ପ୍ରମୁଖ ଚାଷୀମାନଙ୍କର ଜମିରେ ଏପରି ବ୍ୟାପକ ରୋଗପୋକ ଦେଖା ଦେଇଥିବାରୁ ସେମାନେ ପଦସ୍ଥ କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଜଳେଶ୍ୱର କୃଷି ଅଧିକା ଅନ୍ତର୍ଯ୍ୟାମୀ ଧିରଙ୍କୁ ପଚାରିବାରୁ ସେ ଅଞ୍ଚଳରେ ଏପରି ବାସୁମତୀ ଚାଉଳରେ କେତେକ ରୋଗପୋକ ଦେଖା ଦେଇଛି। ରିହାତି ଦରରେ ପେଣ୍ଟମାଇସିନ୍, ବାଭିଷ୍ଟିନ୍ କିମ୍ବା ସଜ ଗୋବରପାଣି ପକାଇବାକୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ଆରପଟା ପଞ୍ଚାୟତରେ ଚାଉଳ ବଣ୍ଟନ ବନ୍ଦ

କୁଆମରା,୧୭।୯(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ଆରପଟା ପଞ୍ଚାୟତର ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ପିଡିଏସ ଚାଉଳ ବଣ୍ଟନ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ହୋଇଛି। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦୀୟ ପରିସ୍ଥିତି ଯୋଗୁ ଏଭଳି ସ୍ଥିତି ଉପୁଜିଛି।

ସୂଚନା ଅନୁଯାୟୀ, ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ଚାଉଳ ବଣ୍ଟନ ସମୟରେ ଶାସକ ଦଳ ଲୋକ ଉପସ୍ଥିତ ରହି ଆଗେ ଚାଉଳ ନେଉଥିବା ଓ ବିରୋଧୀ ଦଳ ଲୋକଙ୍କ କାର୍ଡକୁ ଜାଣିଶୁଣି ଲୁଚାଇ ଦେବା ଏବଂ ବିଳମ୍ବରେ ଚାଉଳ ଦେବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣା ବାବଦରେ ଗତ ସୋମବାର ବିଡିଓଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ମଙ୍ଗଳବାର ଶତାଧିକ ଲୋକ ପଞ୍ଚାୟତ କାର୍ଯ୍ୟାଳୟକୁ ଘେରାଉ କରିବା ସହ ଚାଉଳ ବଣ୍ଟନ କରାଇ ଦେଇ ନ ଥିଲେ। ଫଳରେ ଖିରିପଦା ଗ୍ରାମର ଲୋକେ ଚାଉଳ ନ ପାଇ ଫେରି ଆସିଥିଲେ। ଏଭଳି ପରିସ୍ଥିତିରେ ଚାଉଳ ବଣ୍ଟନକୁ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ରାଜନୀତି ଜୋର ଧରିଥିବା ବେଳେ ଯୋଗାଣ ସହାୟକ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଉଳ ବଣ୍ଟନ କାର୍ଯ୍ୟ ବନ୍ଦ କରି ଦେଇଛନ୍ତି। କୌଣସି ସରକାରୀ କର୍ମଚାରୀ ଉପସ୍ଥିତ ରହିଲେ ଚାଉଳ ବଣ୍ଟନ ହେବ ବୋଲି ଯୋଗାଣ ସହାୟକ ସୁମନ୍ତ କୁମାର ପ୍ରଧାନ କହିଛନ୍ତି। ଏ ସଂକ୍ରାନ୍ତରେ ସରପଞ୍ଚଙ୍କୁ ପଚାରିବାରୁ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢା ବୋଲି କହିଛନ୍ତି।

### ସ୍ୱାମୀଙ୍କ ଚିକିତ୍ସା ପାଇଁ ନିବେଦନ କଲେ ସ୍ତ୍ରୀ

ବନ୍ତ,୧୭।୯(ଡି.ଏନ୍.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଗୋପୀନାଥପୁର ଗ୍ରାମର ଜୟନ୍ତୀ ଜେନା ସ୍ୱାମୀଙ୍କ ଚିକିତ୍ସା ପାଇଁ ବିଡିଓ ରେବେକା ବିଲୁଙ୍ଗଙ୍କଠାରେ ନିବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗୋପୀନାଥପୁର ଗ୍ରାମର ଉପେନ୍ଦ୍ର ଜେନା ଦୀର୍ଘ ବର୍ଷ ହେବ କୁଷ୍ଠ ରୋଗରେ ପୀଡିତ ଅଛନ୍ତି । ଏବେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇ ଯନ୍ତ୍ରଣା ପାଇବା ସହ ଘରୁ ଉଠି ପାରୁ ନାହାନ୍ତି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଉପଯୁକ୍ତ ଡାକ୍ତରୀ ଚିକିତ୍ସା କରିପାରୁ ନାହାନ୍ତି । ଫଳରେ ସ୍ୱାମୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ସହ ଟ୍ରାଇସାଇକେଲ ପ୍ରଦାନ କରିବାକୁ ବିଡିଓଙ୍କଠାରେ ନିବେଦନ କରିଛନ୍ତି ।

# ଦିବ୍ୟାଙ୍ଗ ମହିଳାଙ୍କୁ ସହାୟତା କଲେ ଯୁବ ଧାବକ ସୌରଭ

ବନ୍ତ, ୧୭।୯(ଡି.ଏନ.ଏ.)



ଦିବ୍ୟାଙ୍ଗ ମହିଳାଙ୍କୁ ସୌରଭ ସହାୟତା କରୁଛନ୍ତି।

ଭଦ୍ରକ ଜିଲା ବନ୍ତ ଗ୍ରାମର ଯୁବ ଧାବକ ସୌରଭ ସେଠୀ ଗତ ଫେବୃୟାରୀରେ ବନ୍ତରୁ ଘଟଗାଁ ଓ ପୁରୀ ଦୌଡି ସମଗ୍ର ଜିଲାକୁ ଗୌରାବନ୍ୱିତ କରିବା ସହ ରାଜ୍ୟରେ ଚର୍ଚ୍ଚାର ପରିସରକୁ ଆସିଥିଲେ । ଏବେ ଦୌଡିବା ଅଭ୍ୟାସ ଜାରି ରଖିବା ସହ ବିଭିନ୍ନ ସମୟରେ ମାନବିକତା ଦେଖାଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଗୁରବାର ବନ୍ତ ଲକ୍ଷ୍ମୀ ବଜାରଠାରେ ଗଭରପୁର ଗ୍ରାମର ଜଣେ ଦିବ୍ୟାଙ୍ଗ ମହିଳା ଘୋଷାରି ହୋଇ ରାସ୍ତା ପାର ହେଉଥିବା ବେଳେ ସୌରଭ ତାଙ୍କୁ ଦୁଇ ହାତରେ ଟେକିରାସ୍ତାର ଅପରପାର୍ଶ୍ୱରେ ଛାଡିଥିଲେ। ଏଥିସହ ତାଙ୍କର ସମ୍ପର୍କୀୟଙ୍କୁ ଖବର ଦେଇ ଜିମା ଦେଇଥିଲେ । ଗତ କିଛି ଦିନ ତଳେ ସେ ବନ୍ତ ସାପ୍ତାହିକ ହାଟରେ ଜଣେ ମାନସିକ ଅନଗ୍ରସର ଯୁବକଙ୍କୁ ପିନ୍ଧିବା ପାଇଁ ବସ୍ତ୍ର ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ସେହିପରି ବନ୍ତ ବଜାରରେ ବୁଲୁଥିବା ଏକ ଷଣ୍ଢକୁ କୌଣସି ବ୍ୟକ୍ତି ଆଘାତ କରିବା ଫଳରେ ଷଣ୍ଢ ଯନ୍ତ୍ରଣାରେ ଛଟପଟ ହେଉଥିଲା । ଏହାଦେଖି ସୌରଭ ଷଣ୍ଢଟିର ପ୍ରାଥମିକ ଚିକିତ୍ସା କରିବା ସହ ପ୍ରାଣୀ ଚିକିତ୍ସାଳୟ ସହ ଯୋଗାଯୋଗ କରି ସୁସ୍ଥ କରାଇ ପାରିଛନ୍ତି। ସୌରଭଙ୍କର ଏଭଳି ସାମାଜିକ ତଥା ମାନବିକତା କାର୍ଯ୍ୟକୁ ଜିଲାପରିଷଦ ସଭ୍ୟ ରେବତୀ ନାୟକ, ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ଅଧ୍ୟାପକ ସୁଧାଂଶୁ ନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି ।

# କୋଳିପଦି କେନାଲ ରାସ୍ତା ଶୋଚନୀୟ

ଭଣ୍ଡାରିପୋଖରୀ,୧୭।୯(ଡି.ଏନ୍.ଏ.)



ଶୋଚନୀୟ ହୋଇପଡ଼ିଥିବା କୋଳିପଦି କେନାଲ ରାସ୍ତା ।

୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଇଲେକ୍ଟ୍ରିକ କାର୍ଯ୍ୟାଳୟ ଦେଇ ଯାଇଥିବା କୋଳିପଦି କେନାଲର ମୋରାମ ରାସ୍ତା ଯାତାୟତ ପାଇଁ ଅନୁପଯୋଗୀ ହୋଇପଡ଼ିଛି। ଉକ୍ତ ରାସ୍ତା ଖାଲ ଖମା ଥିଲାବେଳେ ବର୍ତ୍ତମାନ ରାସ୍ତାଟିକୁ ଏଲ୍‌ଏଣ୍ଡଟି କମ୍ପାନୀ ରାସ୍ତା ମଝିରେ ଜେସିବି ସାହାଯ୍ୟରେ ଖୋଳି ପାଣି ପାଇପ୍ ବିଛାଇବା ଦ୍ୱାରା ସାଧାରଣ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ବର୍ଷା ଦିନେ କାମ କରୁଥିବାରୁ ରାସ୍ତା ସମ୍ପୂର୍ଣ୍ଣ କର୍ଦ୍ଦମାକ୍ତ ହୋଇ ପଡ଼ିଛି। ବର୍ତ୍ତମାନ ରାସ୍ତା ପାର୍ଶ୍ୱରେ ପାଣିଥିବାରୁ ପାଇପ ବିଛାଇବା ସମ୍ଭବ ହେଉ ନାହିଁ। ରାସ୍ତା ମଝିରେ ଗାତ ଖୋଳାଯାଇ ପାଇପ୍ ପୋତା ଯାଇଛି। ରାସ୍ତାରେ ଜେସିବି ଯାତାୟାତ କରୁଥିବାରୁ ଖାଲ ଖମା ହୋଇ ପାଣି ଜମି ରହୁଛି। ଉକ୍ତ ରାସ୍ତା ଉପରେ ଦକ୍ଷିନବାଡ଼, ସରସଦା,ରହଣିଆ,ବୟା ବନାପୁର ,କୁରିଗାଁ ,ମାଲଦା, ଷୋଳମପୁର , ନପଙ୍ଗ ଆଦି ପଞ୍ଚାୟତର ଶତାଧିକ ଲୋକେ ଦୈନିକ ବ୍ଲକ,ତହସିଲ, ହାଟ ବଜାରକୁ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଲଦାବଙ୍କଠାରେ ଜାତୀୟ ରାଜପଥରେ ଏବଂ ଭଣ୍ଡାରିପୋଖରୀ ବଜାରଠାରେ ଗଳା ପୋଲ ନିର୍ମାଣ ହେଉଥିବା ଓ ରାଜପଥର ଗୋଟିଏ ପାର୍ଶ୍ୱରେ ସବୁ ଗାଡ଼ି ଯିବା ଆସିବା କରୁଥିବାରୁ ଲୋକେ ରାଜପଥକୁ କେନାଲ ରାସ୍ତାରେ ଯିବାକୁ ଉଚିତ ମଣୁଛନ୍ତି। ଏଭଳି ସ୍ଥିତିରେ ପାଣି ପାଇପ୍ କାମ କରୁଥିବା ଠିକାଦାର ସୁପରଭାଇଜରଙ୍କୁ ଲୋକେ ମରାମତି ପାଇଁ କହିଥିଲେ ମଧ୍ୟ ଅଦ୍ୟାବଧି ସେ କାମ କରୁନାହାନ୍ତି। ପ୍ରଶାସନ ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

